# ନାଇଜରରେ ୧୨ତମ ସ୍ନାତକ ଉତ୍ସବ

ଜଟଣୀ, ୧୮/୭(ଇମିସ): ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର) ପକ୍ଷରୁ ୧୨ତମ ସ୍ନାତକ ଉତ୍ସବ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ନାଇଜର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ତଥା ଆଣବିକ ଉର୍ଜା ବିଭାଗର ସଚିବ ପ୍ରଫେସର ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିତି ଆୟୋଗର ସଦସ୍ୟ ବିଜୟ କୁମାର ସାରସ୍ୱତ ଯୋଗଦେଇ ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ନାଇଜର ଜାତୀୟ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ଶ୍ରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନେ କିପରି ବିଜ୍ଞାନ ବିକାଶର ଧ୍ୱଜାକୁ ହାତରେ ଧରି ସାରା ବିଶ୍ୱରେ ପ୍ରଦର୍ଶିତ କରିବେ ସେଥିପ୍ରତି ଆହ୍ୱାନ କରିଥିଲେ। ଉତ୍ସବରେ ୧୬୫ଜଣ ଛାତ୍ରଛାତ୍ରୀଙ୍କୁ ଏମ୍ଏସ୍‌ସି ଡିଗ୍ରି, ୫୫ଜଣଙ୍କୁ ପିଏଚ୍‌ଡି ଡିଗ୍ରି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ରସାୟନ ବିଜ୍ଞାନର ଛାତ୍ର ଆଦିତ୍ୟ ପାଲ୍ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ପ୍ରାଣୀ ବିଜ୍ଞାନରେ ଅପ୍ରତିମ ଚୌଧୁରୀ ଓ ପଦାର୍ଥ ବିଜ୍ଞାନରେ ଏସ୍ ଗୌତମେଶ୍ୱର ରୌପ୍ୟ ପଦକ ପାଇଥିଲେ। ଏଥିସହ ଶିକ୍ଷା କ୍ଷେତ୍ରରେ ଉନ୍ନତ ନିପୁଣତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଇଜରର ଅଧ୍ୟକ୍ଷ ପ୍ରଫେସର ଏ ଶ୍ରୀନିବାସନ୍, କୁଳସଚିବ ଅଭୟ



ନାଏକ, ଡିନ୍ ଏକାଡେମିକ ପ୍ରଣୟ କୁମାର ସ୍ୱାଇଁଙ୍କ ସମେତ ଏକାଡେମିକ କାଉନ୍‌ସିଲ ଓ ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟମାନେ ଉପସ୍ଥିତ ଥିଲେ। ଦେବସ୍ମିତା ପଙ୍କଜ ଏଲୋନେ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

SAMBAD
SCAN ME
Article published in: The Sambad
18.07.2023, Bhubaneswar Edition, Page-13